ଅଧା ଫୁଲ୍

# କଥାକୁହା ପଥର





- ନାମ – ପୁଷ୍ପା
- ବୟସ-୧୬ ବର୍ଷ
- ଗ୍ରେଡ଼-ଏକାଦଶ
- ସଦ୍‌ଗୁଣ –ଉତ୍ସାହିତ ଓ ସମ୍ବେଦନଶୀଳ
- ବିଶେଷ କରି ଉଭୟ ଗୁଣର ଅଧିକାରୀ ପୁଷ୍ପା ପାଇଁ କୌଣସି ଜିନିଷ ଅସମ୍ଭବ ନୁହେଁ ।

ପୁଷ୍ପା

# ବଦଲିପୁରର ଅଧାଫୁଲ୍ ଦଳ



- ନାମ - ଆଦିତ୍ୟ
- ବୟସ-୧୫ ବର୍ଷ
- ଗ୍ରେଡ୍-୭ମ ଶ୍ରେଣୀପରେ ସ୍କୁଲ ଡ୍ରପ୍ ଆଉଟ୍
- ସଦ୍‌ଗୁଣ- ବୁଦ୍ଧିର ଗ୍ରନ୍ଥାଘର
- ବୁଦ୍ଧି ଆଦିତ୍ୟ ପାଖରେ ଗଚ୍ଛିତ ।

ଆଦିତ୍ୟ



- ନାମ – ତାରା
- ବୟସ-୧୨ ବର୍ଷ
- ଗ୍ରେଡ଼-୭ମ ଶ୍ରେଣୀ
- ସଦ୍‌ଗୁଣ- ଜୀବନ୍ତ ଜ୍ଞାନକୋଷ ତାରା
- କେବେ ବି ମିଛ କହେ ନାହିଁ ।

ତାରା

ବଦଲିପୁରର ଅଧାଫୁଲ୍ ଦଳ । ଏମାନେ ତିନିଜଣ ବଦଲିପୁରରେ ବାସ କରନ୍ତି ଓ ଏମାନେ ଗୁଇନ୍ଦା ଖେଳ ଖେଳିବାକୁ ଭଲ ପାଆନ୍ତି । ଯେତେବେଳେ ବଦଲି ପୁରରେ କିଛି ଘଟଣା ଘଟେ, ଏମାନେ ପ୍ରଥମେ ଘଟଣାସ୍ଥଳରେ ପହଞ୍ଚନ୍ତି ଓ ଏକାଠି ସମସ୍ୟାର ସମାଧାନ କରନ୍ତି । ସମସ୍ତେ ଏମାନଙ୍କୁ 'ଅଧାଫୁଲ୍ ଦଳ' ଭାବରେ ଜାଣନ୍ତି ।

ସମସ୍ତେ କୁହନ୍ତି ବଦଲିପୁରର ପାହାଡ଼ ମଧ୍ୟରେ ଥିବା ଏକ ପଥରର ଖୋଲରେ ଗୋଟିଏ ରାକ୍ଷାସ ରହୁଛି ।
ଦିନେ ପଥର ଉପରେ ଏକ ଲେଖା ଦେଖାଗଲା ।





ବଦଲିପୁରର ଗ୍ରାମବାସୀ,
ମୁଁ ପଥର ଅସୁର,
ମୁଁ ତୁମ ସମସ୍ତଙ୍କୁ ଖାଇବି ।
ଆଜି ପଥର ରାକ୍ଷାସ କଥା କହିବ
ପଥର ଅସୁର କଥା ଶୁଣି ଗ୍ରାମବାସୀ ମାନେ ଭୟଭୀତ ହୋଇଗଲେ ।
ନାହିଁ ନାହିଁ ଦୟାକର, ଆମେ ତମ ପାଖରେ କ'ଣ ଭୁଲ କଲୁ ? ଆମକୁ ଦୟାକରି ଛାଡିଦିଅ ।
ମୁଁ କିଛି ବି କରିନାହିଁ । ଦୟାକରି ମତେ ଯିବାକୁ ଦିଅ ।
ଦୟାକରି ଆମକୁ ଛାଡ଼ିଦିଅ, ମାର ନାହିଁ ।


ଆଜି ପଥର ରାକ୍ଷାସ କଥା କହିବ
ମୁଁ ତୁମମାନଙ୍କୁ ଛାଡ଼ିଦେବି କିନ୍ତୁ ଗୋଟେ ସର୍ତ୍ତରେ ।
ସର୍ତ୍ତ କ'ଣ ?
ମୁଁ ତୁମକୁ ୪ଟି ପ୍ରଶ୍ନ ପଚାରିବି । ଯଦି ଗୋଟିଏ ବି ଉତ୍ତର ଭୁଲ ହୁଏ ତାହାଲେ ବିନାଶ ପାଇଁ ପ୍ରସ୍ତୁତ ରୁହ ।
ଆଜି ପଥର ରାକ୍ଷାସ କଥା କହିବ
ଭଗବାନ ଜାଣିଛନ୍ତି ସେ କ'ଣ ପଚାରିବ ଆମେମାନେ ବିପର୍ଯ୍ୟୟ ରାସ୍ତାରେ ଅଛୁ ।


ଏହା ଶୁଣିବା ପରେ ସମସ୍ତ ପିଲାମାନେ ପୁଷ୍ପା ପାଖକୁ ଗଲେ ।
ଆଦିତ୍ୟ କୁଆଡ଼େ ଗଲା ? ପଥର ରାକ୍ଷାସ କଥାର ଉତ୍ତର ଦେବାପାଇଁ ତା' ପାଖରେ ହିଁ ସାହାସ ଅଛି ।
ଏହି ସବୁ ସମାଜର ଧରାବନ୍ଧା କଥା ବୋଲି କ'ଣ ତୁମେ ମନେ ରଖିନାହଁ ? ପୁଅ ଓ ଝିଅ ଉଭୟ ସମାନ । ପୁଅ ପିଲା ମାନଙ୍କ ପରି ଝିଅମାନଙ୍କର ସାହାସ ଓ ବୁଦ୍ଧି ରହିଛି ଓ ପୁଅମାନେ ଯାହା କରିପାରିବେ ତାହା ଝିଅମାନେ ମଧ୍ୟ କରିପାରିବେ ।
ମତେ କୁହ ତୁମେ ରାଜି ତ ?
ଆଜି ପଥର ରାକ୍ଷାସ କଥା କହିବ
ଆମ ପାଖରେ ବିକଳ୍ପ କ'ଣ ?
ହଁ ଆମେ ରାଜି...

ତା'ପରେ ପଥର ଅସୁର ପ୍ରଶ୍ନ ପଚାରିବା ଆରମ୍ଭ କଲା..




ସମସ୍ତ ପିଲାମାନେ ଏ ବିଷୟରେ ଭାବିବାକୁ ଲାଗିଲେ




ପାୟଲ ଅଭୟ ଏକା ସାଙ୍ଗରେ କହି ଉଠିଲେ







ନା, ହିରୋ ମାନଙ୍କ ପରି ଶକ୍ତିଶାଳୀ ଶରୀର ଗଠନର ଆବଶ୍ୟକତା ହେବା ଉଚିତ୍ ନୁହେଁ । ମୁଁ ଅନନ୍ୟ । ମୁଁ କାହାରି ପରି ନୁହଁ । ମୁଁ ନିଜେ ଯେମିତି ତାକୁ ମୁଁ ସ୍ୱୀକାର କରେ । ସମସ୍ତେ ନିଜେ ଯେମିତି, ସେମିତି ଭଲ ଅଛନ୍ତି ।
ରଙ୍ଗ ଗୋରା ହେବାର ଲାଭ କଣ ଉଦାହରଣ ସ୍ୱରୂପ- ମୁଁ ବନ୍ଧୁକ ଚାଳନାରେ ଦକ୍ଷ, ତେଣୁ ଟିଭି ମଡେଲଙ୍କ ପରି ଦେଖାଯିବା ପାଇଁ ନିଜ ଉପରେ ଚାପ ପକାଇ ମୋ ସମୟ, ପଇସା ଓ ମାନସିକ ଶାନ୍ତି ନଷ୍ଟ ନ କରିବା ଉଚିତ୍ ମୁଁ ଯେମିତି ଅଛି ଭଲ ଅଛି ।


ଠିକ୍ ଉତ୍ତର....
ୟାହୁ... ହୋ.....ହୋ.......



ଆଉ ତିନୋଟି ପ୍ରଶ୍ନ ରହିଲା ।
ଆଜି ପଥର ରାକ୍ଷାସ କଥା କହିବ
ପଚାର.......
କାହିଁକି ହିରୋ ମାନେ ବିଜ୍ଞାପନ ଓ ଚଳଚିତ୍ରରେ ଭଲ ଦେଖାଯାଉଛନ୍ତି ?
ମେକଅପ୍ ପାଇଁ, ତେଣୁ ସେମାନେ ଭଲ ଦେଖାଯିବେ ଏବଂ ନିଜର ଜିନିଷକୁ ବିଜ୍ଞାପନ ଜରିଆରେ ବିକ୍ରି କରିପାରିବେ । କିନ୍ତୁ ଏହି ଛବି ପ୍ରକୃତ ତଥ୍ୟକୁ ଦେଖାଏ ନାହିଁ । ସେମାନେ ଖୁବ ଅଲଗା ଦେଖା ଯାଆନ୍ତି । ତେଣୁ ସେମାନଙ୍କ ପରି ଦେଖାଯିବା ସମ୍ଭବ ନୁହେଁ । ଆମେ ସେମାନଙ୍କ ପରି ଦେଖାଯିବାକୁ ଚେଷ୍ଟା କରିବା ଉଚିତ୍ ନୁହେଁ ।
ଠିକ୍ ଉତ୍ତର....


ଉତ୍ତମ ରାନୁ, ତୁମେ ଆମ ସମସ୍ତଙ୍କୁ ଆଜି ବଞ୍ଚାଇଦେଲ । ତୁମେ ଜଣେ ଚମ୍ପିୟାନ ।
ପୁଷ୍ପା ତୁମେ ତ ମତେ ଏହା ଶିଖାଇଥିଲ ।


ଚୁପ୍ ହୁଅ । ଏବେ ପରବର୍ତ୍ତୀ ପ୍ରଶ୍ନ ଶୁଣ । ରାମ ଶ୍ୟାମକୁ ଦେଖି ଭାବିଲା "ବାଃ କେତେ ସୁନ୍ଦର ଶରୀର, କେତେ ସୁନ୍ଦର କେଶ, ମୋର ଏପରି ଶରୀର କି କେଶ ନାହିଁ "। ମୋତେ କୁହ ରାମ ନିଜକୁ ଶ୍ୟାମ ସହିତ ତୁଳନା କରିବା ଉଚିତ୍ ?
ହେ ପଥର ଅସୁର ଶୁଣ, ମୁଁ ବି ନିଜକୁ ଜୟନ୍ତ ସହ ତୁଳନା କରୁଥିଲି ଓ ଭାବୁଥିଲି ଯେ ମୋ ପାଖରେ କିଛି ଅଭାବ ରହିଛି ।


ତାପରେ ମୁଁ ଭାବିଲି ନିଜକୁ ଜୟନ୍ତ ସହ ତୁଳନା କରି
ମୁଁ କାହିଁକି ଦୁଃଖିତ ହେବି। ରୁପର ତୁଳନା କରିବାର କୌଣସି
ଅର୍ଥ ନାହିଁ । ମୁଁ ଯେପରି ଅଛି ଭଲ ଅଛି ।
ମୁଁ ନିଜକୁ ନେଇ ଖୁସିରେ ଅଛି ।
ବିବେକ ଏକ ଅଲଗା
କାହାଣୀ କହୁଛି ।
ସେ ପ୍ରଶ୍ନର ଉତ୍ତର ଦେଉନାହିଁ ।
ବିବେକ ବହୁତ ବଢ଼ିଆ,
ତୁମେ ଠିକ୍ କାମ କରିଛ ।
ଆଜି ପଥର ରାକ୍ଷାସ କଥା କହିବ
ଦୁଇ ଜଣ ବ୍ୟକ୍ତି କେବେ ବି  ସମାନ ନୁହଁନ୍ତି ।
ତାହାଲେ କାହିଁକି ଅନ୍ୟ ସହ ନିଜକୁ ତୁଳନା କରିବ ।
ସମସ୍ତେ ନିଜ ନିଜ ଭିତରେ ଅନନ୍ୟ ।







ଜୟନ୍ତର ଉତ୍ତର ଶୁଣି ରାକ୍ଷାସ କହିଲା




ଜୟନ୍ତ ଉତ୍ତର ସରି ନାହିଁ ।
ହେ, ତୁମେ ଭୁଲ ଓ ତୁମେ ମୋତେ ଧମକ ଦେବାର ସାହାସ କରୁଛ । ମୁଁ ଏହା ଉପରେ ଅନୁଭୂତି ପାଇଛି । ମୋ ମଉସା ମୋ ଶରୀରକୁ ପ୍ରଶଂସା କଲେ । ତେଣୁ ମୁଁ ମୋର ଚେହେରା ପାଇଁ ଚିନ୍ତାରେ ରହିଲି ଓ ସୁନ୍ଦର ଦେଖାଯିବା ପାଇଁ ମୋର ଚାପ ବଢ଼ିଲା । ମୁଁ ଦର୍ପଣ ସାମ୍ନାରେ ଛିଡ଼ା ହେବାରେ ମୋର ସମସ୍ତ ସମୟ କଟାଇଲି । ପାଠ ପଢ଼ା ପ୍ରତି ମୋର ଆଗ୍ରହ ରହିଲା ନାହିଁ । ମୋ ରୂପକୁ ସୁନ୍ଦର କରାଇବା ପାଇଁ ମୁଁ ଯେତିକି ଚେଷ୍ଟା କଲି, ସେତିକି ମନ ହେଲା ଓ ମଉସାଙ୍କ ଟିପପ୍ଣୀ ଶୁଣି ଆଦିତ୍ୟ ବି ତା ଚେହେରାକୁ ନେଇ ଦୁଃଖ ଅନୁଭବ କଲା । କିନ୍ତୁ ଆମେ ଯଥାଶୀଘ୍ର ଶିକ୍ଷା ପାଇଲୁ । ତାପରେ କେହି ମୋ ଚେହେରା ବିଷୟରେ ଭଲ ନା ମନ୍ଦ ମନ୍ତବ୍ୟ ଦିଅନ୍ତି, ମୁଁ ତାଙ୍କୁ ସଙ୍ଗେ ସଙ୍ଗେ ବାଧା ଦିଏ ଓ ଏପରି ନ କରିବା ପାଇଁ କୁହେଁ । ତେଣୁ ଶ୍ରୀ ପଥର ରାକ୍ଷାସ, ତୁମେ ଚେହେରା ଉପରେ ଭଲ ହେଉ ବା ମନ୍ଦ ମନ୍ତବ୍ୟ ଦେବାଠାରୁ କ୍ଷାନ୍ତ ରୁହ ।
ତୁମେ ଜଣେ ଆଶ୍ଚର୍ଯ୍ୟ ଜନକ ବାଳକ, ମୁଁ ଏକ ପ୍ରଶ୍ନ ପଚାରିଲି ଓ ତୁମେ ଉତ୍ତରରେ ସମସ୍ତ କାହାଣୀ ବର୍ଣ୍ଣନା କଲ । ତୁମେ ସମ୍ପୂର୍ଣ୍ଣ ଭାବେ ଠିକ୍ ।
ଆଜି ପଥର ରାକ୍ଷାସ କଥା କହିବ
ଆମେ ଜିତିଗଲୁ ।




ପଥର ରାକ୍ଷାସ କଥା ଶୁଣି ସମସ୍ତେ ଖୁସି ହେଲେ ।




ଦେଖ, ତୁମ ବିନା ପ୍ରଶ୍ନର ଉତ୍ତର ଦେଇ ଆମେ ବଦଳିପୁରକୁ ରକ୍ଷା କଲୁ । ଭୟାଳୁ ଆଦିତ୍ୟ କୁଆଡ଼େ ଗଲା ?
ପୁଷ୍ପା ଓ ତାରା ଏହା ଶୁଣି ହସିଲେ ।
ଠିକ୍ ସେତିକିବେଳେ ଆଦିତ୍ୟ ପୁଷ୍ପା ଓ ତାରା ପାଖକୁ ଆସିଲା ।
*
ବାଃ ପୁଷ୍ପା କି ସୁନ୍ଦର ଉପାୟ, ବଦଳିପୁରର ପ୍ରତ୍ୟେକ ପିଲା ଶିକ୍ଷା ଶିଖିଲେ ।
ତେଣୁ ଶ୍ରୀ ପଥର ଅସୁର ମୁଁ ନିଶ୍ଚିତ ଯେ ତୁମେ ମଧ୍ୟ ଏହି ଡ୍ରାମାଟିକ୍ ନକଲକୁ ଉପଭୋଗ କରିଛ ।
ପଥର ପଛରୁ ଆଦିତ୍ୟ ହିଁ କଥା କହୁଥିଲା ।
ଅଧାଫୁଲ୍ ଦଳର ଏହି ଉପାୟ ଥିଲା ।


ରୁପକୁ ତୁଳନା କରିବା ଏବଂ ଶାରୀରିକ ସୁନ୍ଦରତା ହାସଲ କରିବା ଚାପକୁ ପ୍ରୋତ୍ସାହିତ କରେ । ଏହିପରି କଥା ଲୋକମାନଙ୍କୁ ସେମାନଙ୍କ ସଦ୍‌ଗୁଣ ଓ ଆଗ୍ରହରୁ ଦୁରେଇଦିଏ । ଶରୀର ସମ୍ବନ୍ଧୀୟ କଥାବାର୍ତ୍ତା କେବଳ ଯେଉଁମାନଙ୍କର ପ୍ରଶଂସା କରାଯାଏ ସେମାନଙ୍କ ପାଇଁ ନୁହେଁ ବରଂ ସେମାନଙ୍କ ଆଖପାଖରେ ଥିବା ଲୋକମାନଙ୍କ ପାଇଁ କ୍ଷତିକାରକ ଅଟେ । ଉଦାହରଣ ସ୍ୱରୂପ-ସେମାନେ କିଛି ହରାଇଛନ୍ତି ବୋଲି ଅନୁଭବ କରିବା ଆରମ୍ଭ କରନ୍ତି । ଏଥିଯୋଗୁ ସେମାନେ ଅଧିକାଂଶ ସମୟ ସେମାନଙ୍କ ଚେହେରାକୁ ନେଇ ଚିନ୍ତାଗ୍ରସ୍ତ ରୁହନ୍ତି ।
ଆମ ଯୋଜନା ଅନୁଯାୟୀ ବଦଳିପୁରର ପିଲାମାନେ ବର୍ତ୍ତମାନ ନିଜ ଚେହେରା ବିଷୟରେ ଚିନ୍ତାଗ୍ରସ୍ତ ରହିବେ ନାହିଁ ।
ଅଧାଫୁଲ୍ ଦଳ ଜିନ୍ଦାବାଦ
ସମାପ୍ତ



## କାହାଣୀର ନୀତିଶିକ୍ଷା

### ଏହି କାହାଣୀରୁ ତୁମେ କ'ଣ ଶିଖିଲ ?

ଧରାବନ୍ଧା ନିୟମ ଗୁଡ଼ିକ ଦୀର୍ଘଦିନ ଧରି ଆମ ସମାଜରେ ଅନ୍ତର୍ଭୁକ୍ତ ହୋଇ ରହିଛି । ଏହା ଉଭୟ ଝିଅ, ପୁଅଙ୍କ ପାଇଁ କ୍ଷତିକାରକ ଓ ସେମାନଙ୍କୁ ଜୀବନରେ ଆଗକୁ ବଢ଼ିବାରେ ଏଗୁଡ଼ିକ ପ୍ରତିବନ୍ଧକ ଲଗାଇଥାଏ । ଆଗକୁ ବଢ଼ିବା ପାଇଁ ଉଭୟ ଝିଅ ପୁଅ ଙ୍କୁ ସମାନ ସୁବିଧା ସୁଯୋଗ ମିଳିବା ଆବଶ୍ୟକ ।

ଟିଭି ଓ ବିଜ୍ଞାପନରେ ଆମେ ଯେଉଁ ଆଦର୍ଶ ଚେହେରା ଦେଖୁ, ସେଭଳି ହେବା ପାଇଁ ଚେଷ୍ଟା କରୁ ଯାହାପାଇଁ ଆମେ ଚିନ୍ତାଗ୍ରସ୍ତ ରହୁ । ଟିଭି ଓ ବିଜ୍ଞାପନରେ ଆମେ ସେମାନଙ୍କ ଦ୍ୱାରା ଉପସ୍ଥାପନା କରାଯାଇଥିବା ଏପରି ଜିନିଷ ଦେଖୁ, ଯାହା ଆମକୁ ଖରାପ ଅନୁଭବ କରାଏ ଓ ଆମେ ସୁନ୍ଦର ଚେହେରା ପାଇବା ପାଇଁ ସେ ସବୁ ଜିନିଷ କିଣୁ । ତେଣୁ କରି ଆମେ ଟିଭି ଓ ପତ୍ରିକାରେ ଦେଖୁ ଥିବା ଦୃଶ୍ୟ ସହ ନିଜକୁ ତୁଳନା କରିବା ଉଚିତ୍ ନୁହେଁ । କାରଣ ଆମେ ଯାହା ଦେଖୁ ତା ବାସ୍ତବ ନୁହେଁ ଓ ତା ପାଇବା ସମ୍ଭବ ନୁହେଁ । ଏହା କେବଳ ଆମର ସମୟ, ପଇସା ଓ ମାନସିକ ଶାନ୍ତିକୁ ନଷ୍ଟ କରେ ।

ରୁପକୁ ତୁଳନା କରିବା ଏବଂ ଶରୀର ଓ ଚେହେରା ବିଷୟରେ କଥା ହେବା ଆମ ସମାଜରେ ଏକ ସାଧାରଣ କଥା, କିନ୍ତୁ ଏହି କଥା ସମସ୍ତଙ୍କ ପାଇଁ କ୍ଷତିକାରକ ଏବଂ ଏହା ସୁନ୍ଦର ଚେହେରା ହାସଲ କରିବା ଚାପକୁ ପ୍ରୋତ୍ସାହିତ କରେ । ଏହିପରି କଥା ଲୋକମାନଙ୍କୁ ସେମାନଙ୍କ ସଦ୍‌ଗୁଣ ଓ ଆଗ୍ରହକୁ ଦୂରେଇଦିଏ । **ଶରୀର ସମ୍ବନ୍ଧୀୟ କଥାବାର୍ତ୍ତା କେବଳ ଯେଉଁମାନଙ୍କର ପ୍ରଶଂସା କରାଯାଏ ସେମାନଙ୍କ ପାଇଁ ନୁହେଁ ବରଂ ଆଖପାଖରେ ଥିବା ଲୋକମାନଙ୍କ ପାଇଁ ମଧ୍ୟ କ୍ଷତି କାରକ ଅଟେ** । ଉଦାହରଣ ସ୍ୱରୂପ ସେମାନେ କିଛି ହରାଇଛନ୍ତି ବୋଲି ଅନୁଭବ କରିବା ଆରମ୍ଭ କରନ୍ତି । ଏଥିଯୋଗୁ ସେମାନେ ଅଧିକାଂଶ ସମୟ ସେମାନଙ୍କ ଚେହେରାକୁ ନେଇ ଚିନ୍ତାଗ୍ରସ୍ତ ରୁହନ୍ତି ।



# ନିଶ୍ଚିତ ଖେଳ



**୪ଟି ବାକ୍ୟ ତଳେ ଦିଆଯାଇଛି । ଯାହା ସମସ୍ତ କାହାଣୀର ନୀତିଶିକ୍ଷା ଉପରେ ପର୍ଯ୍ୟବେସିତ । ମନଦେଇ ପଢ଼ ଓ ଏହାକୁ ପୂରଣ କର ।**

ଉଦାହରଣ- ଆମେ ଆମ ଗୁଣ ଉପରେ ଧ୍ୟାନ ଦେବା ଆବଶ୍ୟକ କାରଣ ଏହା ଆମକୁ ଅନନ୍ୟ ଓ ଅଲଗା କରାଏ ।

## ପ୍ରତିଶୃତି-୧

ଆମେ ସମାଜର ଲିଙ୍ଗଗତ ବୈଷମତାରେ ବିଶ୍ୱାସ କରୁନାହେଁ କାରଣ.......



## ପ୍ରତିଶୃତି-୨



ଆମେ ଚେହେରା ସମ୍ବନ୍ଧରେ ଭଲ କିମ୍ବା ଖରାପ ମନ୍ତବ୍ୟ ଦେବାନାହିଁ କାରଣ.......

## ପ୍ରତିଶୃତି-୩

ଆମେ ନିଜର ଚେହେରାକୁ ଅନ୍ୟ ସହ ତୁଳନା କରିବା ନାହିଁ କାରଣ.......



## ପ୍ରତିଶୃତି-୪



ଆମେ କାହାର ଚେହେରା ସମ୍ବନ୍ଧରେ ଭଲ କିମ୍ବା ମନ୍ଦ ମନ୍ତବ୍ୟ ଦେବା ନାହିଁ କାରଣ.......

## ଯଦି ଚାହଁ ତେବେ
## ଏହା ମଧ୍ୟ ଖେଳ



ବର୍ତ୍ତମାନ ସବୁ ଗପ ବହିଗୁଡ଼ିକ ତୁମେ ପଢ଼ିସାରିଛ ଓ ପ୍ରତିଶୃତିକୁ ଗ୍ରହଣ କରିଛ ।
ତୁମ ସାଙ୍ଗ, ସାଥୀ, ସମ୍ପର୍କୀୟ ସାଙ୍ଗରେ ଏହି ବହିରୁ ତୁମେ କ'ଣ ଶିଖିଲ,
ସେ ସମ୍ବନ୍ଧରେ କ'ଣ ଆଲୋଚନା କରିଛ ଆମକୁ କୁହ ।



ଉଦାହରଣ- ତୁମେ ତୁମ ମାମୁଁ ମଉସାଙ୍କ ପାଖକୁ
ଏହି ବିଷୟ ସମ୍ବନ୍ଧରେ ଚିଠି ଲେଖିଛ କି ?
ମା, ବାପାଙ୍କୁ କହିଛ କି ?



କିମ୍ବା ପ୍ରାର୍ଥନା କ୍ଲାସ, କ୍ଲବ୍ ଘରେ ରେ ତୁମେ ତୁମ
ବିଦ୍ୟାଳୟର ପିଲାମାନଙ୍କ ସାଙ୍ଗରେ
ଏହି ବହି ବିଷୟରେ ଚର୍ଚ୍ଚା କରିଛ କି ?

ଅଧାଫୁଲ୍ ଦଳଙ୍କ ର ଆହୁରି ଅନେକ ରୋମାଞ୍ଚଭରା କାହାଣୀ ରହିଛି ।
ଗୋଟିଏ ବି ବାଦ୍ ନ ଦେଇ ସବୁ ଗୁଡ଼ିକ ପଢ଼ ।
















ପ୍ରସ୍ତୁତି ବିବିସି ମିଡିଆ ଆକ୍ସନ
ସହାୟତା-ୟୁନିସେଫ୍, ଡୋଭ୍ ଓ ସେଣ୍ଟର ଫର୍ ଆପିୟରାନ୍ସ ରିସର୍ଚ୍ଚ